# Akashvani, Sambalpur

## SAMBALPURI NEWS BULLETIN

### 2 December 2024- 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀ- ଓଡ଼ିଶାଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁଲିସ୍‌କେ ସ୍ମାର୍ଟ ପୁଲିସ୍ ପ୍ରଶାସନ୍‌ର ମନ୍ତ୍ର ଦେବାର୍ ସହେତେ ସତର୍କ, ଅନୁକୂଳ, ବିଶ୍ୱସନୀୟ ଆର୍ ସ୍ୱଚ୍ଛ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ଡିଜିପି ଆର୍ ଆଇ.ଜି. ସମ୍ମିଳନୀଥି ଉଦ୍‌ବୋଧନ୍ ଦେଇକରି ଆର୍ଟିଫିସିଆଲ୍ ଇଂଟଲିଜେନ୍ସ ଆର୍ ଆକାଂକ୍ଷି ଭାରତ୍‌ର ୨ ଗୁନା ଏ.ଆଇ. ଶକ୍ତି ବେଭାର୍ କରିକରି ଡିଜିଟାଲ୍ ଠକେଇ, ସାଇବର୍ ଅପରାଧ୍ କେ ରୁକ୍‌ବାର୍‌କେ ବରିଷ୍ଠ ଅଧିକାରୀମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ପରାମର୍ଶ ଦେଇଛନ୍ । ସେନ୍ତା ଏ.ଆଇ. ଆର୍ ପ୍ରଯୁକ୍ତି ବିଦ୍ୟା କାରଣ୍‌ନୁ ସୃଷ୍ଟି ହେଉଥିବାର୍ ସମ୍ଭାବ୍ୟ ବିପଦ୍ ଖାସ୍ କରି ସାମାଜିକ୍ ଆଉ ପାରିବାରିକ୍ ସମ୍ପର୍କକେ ବ୍ୟାହତ୍ କର୍‌ବାର୍ ଲାଗି ଡିପ୍ ଫେକ୍ ର ବେଭାର୍‌ର ଆଶଙ୍କା ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଚିନ୍ତା ପ୍ରକଟ୍ କରିଥିଲେ । ସହରାଂଚଲ୍ ପୁଲିସ୍ ବ୍ୟବସ୍ଥାଥି ଗ୍ରହଣ୍ କରାଯାଇଥିବା

ପଦକ୍ଷେପ୍‌କେ ପ୍ରଶଂସା କରିକରି ଦେଶର୍ ଶହେ ଟା ସହର୍ ନ ଫି' ପଦକ୍ଷେପ୍‌କେ ପୁରା କାର୍ଯ୍ୟକାରୀ କର୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ । ସେନ୍ତା ବିକଶିତ୍ ଭାରତ୍‌ର ପରିକଳ୍ପନାଥି ନିଜ୍‌କେ ଆଧୁନିକ୍‌କରଣ୍ ଆର୍ ପୁର୍ନଗଠନ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦି ବରିଷ୍ଠ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

କେତେଟା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର୍ ସମାଧାନ୍ କର୍‌ବାର୍‌ଥି ହାକାଥନ୍‌ର ସଫଲତା ବିଷେ ଆଲୋକପାତ କରିକରି ଗୁଟେ ଜାତୀୟ ପୁଲିସ୍ ହାକାଥନ୍ ଆୟୋଜନ୍ ଉପ୍‌ରେ ବିଚାର୍‌ବିମର୍ଷ କରାଯିବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ସମ୍ମିଲନୀଥି ଆତଙ୍କବାଦ ମୁକାବିଲା, ବାମପନ୍ଥୀ, ଉଗ୍ରବାଦ୍, ସାଇବର୍ ଅପରାଧ୍, ଆର୍ଥିକ୍ ନିରାପତା, ଉପକୂଳ ସୁରକ୍ଷା, ନିଶା କାର୍‌ବାର୍ ସହେତେ ଜାତୀୟ ନିରାପତାର୍ ସଙ୍ଗେ ଜଡ଼ିତ୍ ବର୍ତମାନ୍ ଆର୍ ଭବିଷ୍ୟତ୍‌ର ଆହ୍ୱାନ୍ ଉପ୍‌ରେ ଆଲୋଚନା ହେଇଥିଲା ।

ସମ୍ମିଲନୀଥି କେନ୍ଦ୍ର ଗୃହମନ୍ତ୍ରୀ, ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ ସଚିବ, ଜାତୀୟ ସୁରକ୍ଷା ପରାମର୍ଶଦାତା, ଗୃହରାଷ୍ଟ୍ରମନ୍ତ୍ରୀ କେନ୍ଦ୍ର ଗୃହ ସଚିବ ପ୍ରମୁଖ ଉପସ୍ଥିତ୍ ଥିଲେ ।

ପରିବହନ୍ ବିଭାଗ-ମନ୍ତ୍ରୀ        ଆର୍‌ଏନ୍‌ୟୁ /ସମ୍ବଲପୁର

ମାତ୍ରାଧିକ ଆର୍ ବହୁତ୍‌ଟେ ଟଙ୍କାର୍ ଇ-ଚାଲାଣ୍‌ନୁ ମୁକ୍‌ଲିବାର୍ ଲାଗି ଓ୍ୱାନ୍ ଟାଇମ୍ ସେଟଲ୍‌ମେଂଟ୍ ଲାଗି ପରିବହନ୍ ବିଭାଗ୍ ଯୋଜ୍‌ନା କରିଛେ ବଲି ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ସେ କହିଛନ୍ ଯେ, ଆଗ୍‌କେ ଇ-ଚାଲାଣ୍ ବାବ୍‌ଦେ ଅଦାଲତ୍‌ନୁ ସମନ୍ ପଠାଯିବା । ପରିବହନ୍ ବିଭାଗ୍‌ର ତଥ୍ୟ ଅନ୍‌ସାରେ ୨୦୨୦ ନୁ ଗଲା ମେ ମାସ୍ ଭିତ୍‌ରେ ୫୬ ଲାଖ୍ ୮୧ ହଜାର୍ ୯ ଶହ ୯୩ ଟା ଚାଲାଣ୍ କଟାଯାଇଛେ । ହେଲେ ୨୯ ଲାଖ୍ ୭୭ ହଜାର୍ ୭ ଶହ ୧୮ ଟା ଇ-ଚାଲାଣ୍ ବାବ୍‌ଦେ ଜରିମାନା ଦାଖଲ୍ ନାଇଁ କରାହେଇ । ଇ ସବୁ ଇ ଚାଲାଣ୍ କପି ପରିବହନ୍ ବିଭାଗ୍ ଆର୍ ଅଦାଲତ୍ ନ ପଡ଼ିରହିଛେ । ଯେନ୍‌ଥିର୍ ଲାଗି ୧ ହଜାର୍ ୨ ଶହ ୧୫ କୋଟି ଟଙ୍କାର୍ ରାଜସ୍ୱ ବାକି ପଡ଼ିଛେ । ଇଥିର୍‌ଲାଗି ବାକିରହିଥିବା ଜରିମାନା ଆଦାୟ ଲାଗି ପରିବହନ୍ ବିଭାଗ୍ ଇ ନୂଆଁ ପଦକ୍ଷେପ୍ ନେବାର୍‌କେ ଯାଉଛେ ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

ଭବାନୀପାଟ୍‌ନା-ପୁରୀ ବସ୍        ଆର୍‌ଏନ୍‌ୟୁ /ସମ୍ବଲପୁର

କଲାହାଣ୍ଡି ଜିଲ୍ଲା ସଦର୍ ମହକୁମା ଭବାନୀପାଟ୍‌ନାନୁ ପୁରୀକେ ଜଗନ୍ନାଥ୍ ଏକ୍ସପ୍ରେସ୍ ବସ୍ ଚାଲ୍‌ବା । ଇ ବସ୍ ଅମ୍ଵାଦୋଳା, ମୁନିଗୁଡ଼ା, ବିଶମ୍‌କଟକ୍ ହେଇକରି ପୁରୀ ଯିବା । ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଇଟାକେ ମଞ୍ଜୁରୀ ଦେଇଛନ୍ ।

ବର୍‌ଗଡ଼୍ ଧନୁଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

ବର୍‌ଗଡ଼୍‌ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା-୨୦୨୫ ଥି ଇଥର ଭୁବ୍‌ନେଶ୍ୱର୍ ପ୍ରଧାନ୍ କଂସ ଭୂମିକାଥି ଅଭିନୟ କର୍‌ବେ । ଗଲାକାଏଲ୍ ବର୍‌ଗଡ଼୍‌ର ବିଜୁ ପଟ୍ଟନାୟକ୍ ଟାଉନ୍ ହଲ୍ ନ ହେଇଥିବା କଂସ ମନୋନୟନ କମିଟିଥି ଶ୍ରୀ ପ୍ରଧାନ୍‌ଙ୍କୁ ମନୋନୀତ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀ ପ୍ରଧାନ୍ ଧନୁଯାତ୍ରାଥି ଆଘୋନୁ ଭିଲ୍ କଂସ ଭୂମିକାଥି ଅଭିନୟ କରିଛନ୍ ।

ଭିନ୍ନକ୍ଷମ ରାଜ୍ୟସ୍ତରୀୟ ସମ୍ମିଳନୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଭିନ୍ନକ୍ଷମ ମାନ୍‌କର୍ ଲାଗି ହେଇଥିବା ରାଜ୍ୟସ୍ତରୀୟ ସମ୍ମିଲନୀଥି ଆଏଜ୍ ଗୁଟେ ସେମିନାର୍ ଆୟୋଜନ୍ ହେବା । ଇ ସେମିନାର୍‌କେ ସାମାଜିକ ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ୍ କର୍‌ବେ ।

ପ୍ରଦୂଷଣ୍ ନିରାକରଣ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ଜାତୀୟ ପ୍ରଦୂଷଣ୍ ନିରାକରଣ୍ ଦିବସ୍ । ୧୯୮୪ ମସିହା ଆଝିର୍ ଦିନେ ମଧ୍ୟପ୍ରଦେଶ୍‌ର ଭୋପାଲ୍ ନ ୟୁନିୟନ୍ କାର୍ବାଇଡ୍ କାର୍‌ଖାନାନୁ ଗେସ୍ ଲିକ୍ ହେବାର୍‌ନୁ ହଜାର୍ ହଜାର୍ ଲୁକଙ୍କର୍ ଜୀବନ୍ ଯାଇଥିଲା । ସେ ଦିନ୍‌କେ ସୋର୍ କରିକରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ଲାଗି ଆଝିର୍ ଦିନ୍‌କେ ଜାତୀୟ ପ୍ରଦୂଷଣ୍ ନିରାକରଣ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ସେନ୍ତା ପ୍ରଦୂଷଣ୍‌କେ ରୁକ୍‌ବାର୍ ଲାଗି ଲୁକଙ୍କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଆଝିର୍ ଦିବସ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବଛର୍‌ର ବାର୍ତ୍ତା ହେଉଛେ ‘ସ୍ୱଚ୍ଛ ବାୟୁ, ସବୁଜ ପୃଥିବୀ: ସ୍ଥାୟୀ ଜୀବନ୍ ପାଇଁ ପଦକ୍ଷେପ୍’ ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ  ଆର୍‌ଏନ୍‌ୟୁ

/ସମ୍ବଲପୁର

ବିଧାନ୍‌ସଭାର୍ ଅଧିବେଶନ୍ ଇ ମାସର୍ ଶେଷ୍‌ତକ୍ ହେବାର୍‌କେ ଥିବାର୍‌ନୁ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ସେନ୍ତା ଇ ମାସର ସୋମ୍‌ବାର୍ ମାନ୍‌କେ ଭିଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଭୁବନେଶ୍ୱର୍-ଜୟପୁର ବିମାନ୍ ସେବା     ଆର୍‌ଏନ୍‌ୟୁ

/ସମ୍ବଲପୁର

ଭୁବନେଶ୍ୱର୍-ଜୟପୁର୍ ଭିତ୍‌ରେ ସବୁଦିନିଆ ବିମାନ୍ ସେବା ଗଲାକାଏଲ୍‌ନୁ ମୁଲ୍ ହେଇଛେ । ପହେଲା ଦିନ ୯ ଟା ସିଟ୍ ଥିବା ୨ଟା ଯାତ୍ରୀବାହୀ ବିମାନ୍‌ଥି ୮ ଝନ୍ ଯାତ୍ରୀ ଆସିଥିବାର୍ ବେଳେ ୬ ଝନ୍ ଯାତ୍ରୀ ଭୁବ୍‌ନେଶ୍ୱର୍ ଯାଇଛନ୍ । ସଖାଲ୍‌ବେଲା ୧୦ ବାଜିକରି ୫୫ ମିନିଟ୍‌ଥି ଭୁବ୍‌ନେଶ୍ୱର୍‌ନୁ  ବାହାରିକରି ମଏଧାନ୍‌ର ସାଢ଼େ ୧୨ ବଜେ ଜୟପୁର୍ ଏୟାର୍‌ପୋର୍ଟ ନ ପୁହୁଁଚିଥିଲା ।

ପାଣିପାଗ୍        ଆର୍‌ଏନ୍‌ୟୁ /ସମ୍ବଲପୁର

ବାତ୍ୟା ପେଙ୍ଗାଲ୍ ସ୍ଥଲ୍‌ଭାଗ୍ ଛୁଇଁବାର୍ ଉତ୍‌ରୁ ଦୁର୍ବଲ୍ ହେବାର୍‌କେ ଲାଗିଛେ । ଏଛେନ୍ ଇଟା ଉତର୍ ତାମିଲ୍‌ନାଡୁ ଆଉ ପଣ୍ଡିଚେରୀ ଉପକୂଳ ଗତିକରିକରି ଗଭୀର ଅବପାତ ହେଇଛେ । ସେଆଡ଼େ ଆଏବା ୫ ତାରିଖ୍ ଦିନ ଫେର୍‌ଘାଏ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ହେଲେ ରାଜ୍ୟ ଉପ୍‌ରେ ଇତାର୍ ସିଧାସଲଖ୍ ପ୍ରଭାବ୍ ନାଇଁ ପଡ଼େ ବଲି ଜନାପଡ଼ିଛେ । ସେଆଡ଼େ ବାତ୍ୟାର୍ ପ୍ରଭାବ୍‌ଥି ଦକ୍ଷିଣ୍ ଭାରତ୍‌ର ରାଜ୍ୟମାନ୍‌କେ ଜବର୍ ବର୍ଷା ହେଇଥିବାର୍ ବେଳେ ଇତାର୍‌ପ୍ରଭାବ୍‌ଥି ଓଡ଼ିଶା ନ ତାପମାତ୍ରା ବଢ଼ିଛେ ।